ସଙ୍କଟ ଚଉଠି ବ୍ରତ

ଲେଖକ : ଭଜକବତ୍ସଳ

ଶ୍ରୀ ତାରେଶ୍ୱର ଚୌଧୁରୀ

ପ୍ରକାଶକ—ଧର୍ମଗ୍ରନ୍ଥ ଷ୍ଟୋର

ସମସ୍ତ ପ୍ରକାର ପୁସ୍ତକ ଓ କୋହିନୂର ଜାତୀୟ
ପଞ୍ଜିକା ମିଳିବାର ଠିକଣା

ଧର୍ମଗ୍ରନ୍ଥ ଷ୍ଟୋର

ପରିଚାଳକ—ଶ୍ରୀ ଗଦାଧର ସାହୁ

ଅଲଣାବଜାର, କଟକ-୨

ଫୋନ ନଂ-୨୪୭୯୬

ମୂଲ୍ୟ--ଏକଟଙ୍କା ପଚିଶ ପଇସା

Digitized by srujanika@gmail.com

ସଙ୍କଟ ଚଉଠି ବ୍ରତ

ବନ୍ଦେ ଦେବ ଉମାପତିଂ ସୁରଗୁରୁଂ ବନ୍ଦେ ଜଗତ୍ କାରଣଂ
ବନ୍ଦେ ପନ୍ନଗ ଭୂଷଣଂ ମୃଗଧରଂ ବନ୍ଦେ ପଶୂନାଂ ପତି ।
ବନ୍ଦେ ସୂର୍ଯ୍ୟଶଶାଙ୍କ ବହ୍ନି ନୟନଂ ବନ୍ଦେ ମୁକୁନ୍ଦପ୍ରିୟଂ
ବନ୍ଦେ ଭକ୍ତଜନାଶ୍ରୟଂ ଚ ବରଦଂ ବନ୍ଦେ ଶିବ ଶଙ୍କରଂ ।

ଜୟ ମା ଉମା ଶଙ୍କର ମୋହିନୀ ।
ଜୟ ମା ମୃଡ଼ାନୀ ମହିଷା ମର୍ଦ୍ଦିନୀ ।୧।
ଜୟ ଜୟ ଗିରିରାଜ ନନ୍ଦିନୀ ।
ସଙ୍କଟ ତାରଣୀ ସିଂହ ବାହିନୀ ।୨।
ତ୍ରିପୁରେ ତୋର ମହିମା ପ୍ରକଟ ।
ସୁମରିଲ ମାତେ ଘୁଞ୍ଚାଉ କଷ୍ଟ ।୩।
ଅଭୟ ଦାୟିନୀ ଦିଅ ଆଦେଶ ।
ତୋ ଯଶଗାଥି କରିବି ପ୍ରକାଶ ।୪।
ଜୟ ଜୟ ହର ତ୍ରିତାପ ହର ।
ତ୍ରିପୁର ନାଶି ରଖିଲ ତ୍ରିପୁର ।୫।
ଦୁଷ୍ଟଙ୍କୁ ସଂହାରି ସନ୍ଥଙ୍କୁ ପାଳ ।
ବରଦାତା ପ୍ରଭୁ ଭକ୍ତ ବତ୍ସଳ ।୬।
କରୁଣାମୟ ହେ କରୁଣାକର ।
ବର୍ଣ୍ଣିବ ମହିମା କଣ୍ଟୁ ଭ୍ରମର ।୭।
ସଙ୍କଟ ଚଉଠି ବ୍ରତ ବିଧାନ ।
ଲେଖିବାପାଇଁକି ବଳନ୍ତୁ ମନ ।୮।

Digitized by srujanika@gmail.com

ଦୟା କରଣ ସଦଜ୍ଞାନ ଦଅ ।
ସଂସାରେ ବ୍ରତଟି ହେଉ ଉଦୟ ।୯।
ସଙ୍କଟ ତଡ଼ଣି ବ୍ରତ ଯେମନ୍ତେ ।
ଓଷାଇତମାନେ ଶୁଣ ସୁଚତ୍ତେ ।୧୦।
ଏକଦିନେ କଇଳାସରେ ବସି
ହରଙ୍କୁ ପୁଚ୍ଛିଲେ କ୍ଷମାଦ୍ୱୀ ଶିଷି ।୧୧।
ଅକର୍ମ କର୍ମ ଦାସ୍ୟକ ବୋଲଣ ।
ନାମଟିଁ ବନ୍ଧଅଛ ତ ଆପଣ ।୧୨।
କଥର ଶ୍ରବଣରେ ହୋଇ ସନ୍ତୋଷ ।
ବରଦିଅ ତାହା କହ ହେ ଈଶ ।୧୩।
ଅମ୍ବିକା ପୁଚ୍ଛନ୍ତେ କହନ୍ତି ଶିବ ।
ଯାହା ପରସ୍ତରଲ ଶୁଣ ସେ ଭବ ।୧୪।
ଉତ୍ତର ଦେଶେ ଏକ ଦ୍ୱିଜ ବାଳା ।
କୁଷ୍ଠ ବ୍ୟାଧିରେ ସେ ହେଲା ଅଚଳା ।୧୫।
ସେ ବ୍ରାହ୍ମଣୀ କଲା ବହୁ ଔଷଧି ।
କେବେହେଁ ଭଲ ନ ହେଲା ସେ ବ୍ୟାଧି ।୧୬।
ଅତ୍ୟନ୍ତ ବିକଳ ହୋଇ ତରୁଣୀ ।
କି କରିବି ବୋଲି କରେ ଭାବେଣି ।୧୭।
ବହୁତ ଭାବି ଚିନ୍ତା କଲା ଥୟ ।
କରିବି ଏଥର ଦୈବୀ ଉପାୟ ।୧୮।
ସଙ୍କଟ ତଡ଼ଣି ବ୍ରତ ମନାସି ।
ଉମା ହରଙ୍କୁ ସ୍ମରିଲା ସୁକେଶୀ ।୧୮ (କ)
ଏକ ନିଷ୍ଠାରେ କରି ଦୃଢ଼ପଣ ।
ବ୍ରତ ଦ୍ରବ୍ୟମାନ କଲା ଭିଆଣ ।୧୯।

Digitized by srujanika@gmail.com

ଆଣି ଏକ ବର୍ତ୍ତି ଗାଈ ଗୋବର ।
ଚଉରମୂଳ ଲିପିଲା ହକାର ।୨୦।
ଅରୁଆ ଗୁଣ୍ଡଳ ଭାଜି ଆଣିଲା ।
ତାକୁ ଚୂର୍ଣ୍ଣକରି ମୁରୁଜ କଲା ।୨୧।
ମୂର୍ତ୍ତି ନିର୍ମାଣ କଲା ଦକ୍ଷକରେ ।
ବାମକର ନ ଲଗିଲା ତହିଁରେ ।୨୨।
ଥୋଇଲା ଆଣି ନଡ଼ିଆ ଗୋଟିଏ ।
ଆବର ଆଣିଲା ଗୁଆ ମେଣ୍ଡାଏ ।୨୩।
ନାନା ପ୍ରକାର କୁସୁମ ଆଣିଲା ।
ଧୂପଦୀପ ଗନ୍ଧାଦି ଠୁଳ କଲା ।୨୪।
କଦଳୀ ଆଦି ପକ୍ୱ ଫଳମାନ ।
ନୈବେଦ୍ୟ ଆଣିଲା କରି ଯତନ ।୨୫।
ଗୁଆ ମୁଗ ଅଦା ନବାତ ଫେଣା ।
ମୁଆଁ ଉଖୁଡ଼ା ଖଜା ସରପଣା ।୨୬।
ଏପରି ବହୁତ ସାମଗ୍ରୀ କଲା ।
ଦୁଇଗୋଟି ଭୃଙ୍ଗାରେ ରଖିଲା ।୨୭।
ଚଉରମୂଳେ ସବୁ ଠୁଳ କଲା ।
ବ୍ରାହ୍ମଣ ଜଣେକ ବରି ଆଣିଲା ।୨୮।
ଶିବ ପଞ୍ଚାକ୍ଷର ମନ୍ତ୍ରକୁ ପଢ଼ି ।
ହରଙ୍କୁ ପୂଜିଲା ଏକ ଭୃଙ୍ଗାରେ ।୨୯।
ଆର ଭୃଙ୍ଗାରେ ଉମା ଆଗେ ଥୋଇ ।
ଶିବପ୍ରସାଦ ପାର୍ବତୀଙ୍କି ଦେଇ ।୩୦।
ମୂଣ୍ଡିଆ ମାରି ହୁଳହୁଳି ଦେଲା ।
କାର୍ପଣ୍ୟ ହୋଇ ଦୁଃଖ ଜଣାଇଲା ।୩୧।

Digitized by srujanika@gmail.com

ମୋର ମହା ବ୍ୟାଧି କର ହରଣ ।
କାଳେ କାଳେ ଖଟିଥିବ ଚରଣ ।୩୨।
ବ୍ରାହ୍ମଣଙ୍କୁ ଭୋଜ ଦକ୍ଷିଣା ଦେଇ ।
ବିଦାୟ ଦେଲା କୃତ କୃତ୍ୟ ହୋଇ ।୩୩।
ଯେମନେ ସ୍ୱର୍ଗକୁ ପାର୍ବତୀ ଯୋଗ ।
ଘରକୁ ଚଳିଲା ବ୍ରାହ୍ମଣୀ ବେଗ ।୩୪।
ମନରେ ଭାବ ଉମା ମହେଶ୍ୱର ।
ଉପାସରେ ରହିଲା ଉଜାଗର ।୩୫।
ପ୍ରଭାତୁ ଶୀଘ୍ର ଶୁଚିମନ୍ତ ହୋଇ ।
ଆସୁ ମନ୍ଦିରକୁ ଗଲାକ ସେହି ।୩୬।
କାପୁର୍ଣ ହୋଇ ଦୁଃଖ ଜଣାଇଲା ।
ବିନୟ ଭାବେ ବହୁ ସ୍ତୁତି କଲା ।୩୭।
କାଷ୍ଟା ଭକ୍ତିଭାବ ଦେଖି ତାହାର ।
ଦୟା ହେଲା ବୋଇଲେ ମାଗ ବର ।୩୮।
ତହୁଁ ବ୍ରାହ୍ମଣୀ ଯୋଡ଼ି ବେନକର ।
ବୋଇଲା ମୋତେ ଦିଅ ଏହି ବର ।୩୯।
ବ୍ୟାଧି କଷଣରୁ କର ଉଦ୍ଧାର ।
ଆଜୁଁ ଏ ବ୍ରତଟି ହେଉ ପ୍ରଚୁର ।୪୦।
ବାଂଝି ମଢ଼ିଷ୍ଟୁ ଆଦି ଯେତେ ଥିବେ ।
ଏ ବ୍ରତ କଲେ ସେ ପୁତ୍ର ପାଇବେ ।୪୧।
କୁଷ୍ଠି ଚ୍ଛୋଠା କୁଜା ଅନ୍ଧ ବଧିର ।
ଏ ବ୍ରତ ପ୍ରସାଦେ ହୋଇବେ ପାର ।୪୨।
ଅଜ୍ଞାନୀ ଲୋକେ ହେବେ ଜ୍ଞାନବନ୍ତ ।
ମୂର୍ଖିତ ହୋଇବ ବିଦ୍ୟା ପ୍ରାପତ ।୪୩।

Digitized by srujanika@gmail.com

ଉଦ୍ଧାର ହୋଇବେ ପତିତ ଜନ ।
ହତ୍ୟାଦି ପାତକ ହେବ ମୋଚନ ।୪୪।
ନିର୍ଦ୍ଧନୀ ଲୋକଙ୍କୁ ଧନ ମିଳିବ ।
ଏହି ଆଜ୍ଞା ଦିଅ ପାର୍ବତୀ ଧବ ।୪୫।
ଅସ୍ତୁ ହେଉ ବୋଲି ଦେଲି ମୁଁ ବର ।
ସେଦିନୁଁ ଏ ଓଷା ହେଲା ପ୍ରଚୁର ।୪୬।
ଶୁଣି ମହାମାୟା ସନ୍ତୋଷ ହେଲେ ।
ବନସ୍ତୁ ଭବେ ପୁଣି ପଚାରିଲେ ।୪୭।
ଆପଣଙ୍କର ତ ଅଟେ ଏ ଖାତିଁ ।
କହ ଏ ବ୍ରତରେ ବିଧି କେମନ୍ତ ।୪୮।
ଈଶ୍ୱର କହନ୍ତି ଶୁଣ ଗୋ ପ୍ରିୟେ ।
ଏ ବ୍ରତର ବିଧି ଯେପରି ହୁଏ ।୪୯।
ମାଘମାସ କୃଷ୍ଣ ଚତୁର୍ଥୀ ତିଥି ।
ସେଦିନ ସୁରିଦଣ୍ଡେ ଥିବ ରାତି ।୫୦।
କୁକ୍କୁଟ ପକ୍ଷୀ ରାବ ଦେଉଥିବ ।
ଓଷାଇତିମାନେ ବାହାରି ସବୁ ।୫୧।
ହୁଳହୁଳି ଦେଇ ଭାବି ଶଙ୍କର ।
ସୁରିବର୍ଣ୍ଣ ଫୁଲ ନେବେ ସଙ୍ଗର ।୫୨।
ଚେନାଗୁଡ଼ ଆଦି ସମସ୍ତ ଭୋଗ ।
ଯତନ କରିଣ ନେବେ ତା ସଙ୍ଗ ।୫୩।
ଧୂପ ଦୀପ ଗନ୍ଧ ଚନ୍ଦନ ନେଇ ।
ନଦୀ ବା ପୁଷ୍କରିଣୀ ତୀରେ ଯାଇ ।୫୪।
ସ୍ନାହାନ ଶଉଚ କର୍ମକୁ ସାରି ।
ବାଲୁକାରେ ସ୍ଥାପି ହର ଗଉରୀ ।୫୫।

Digitized by srujanika@gmail.com

ଧୂପ ଦୀପ ନଇବେଦ୍ୟକୁ ଦେଇ ।
ପ୍ରଣାମ କରିବ ଅର୍ଘ୍ୟ ବନ୍ଦାଇ ।୫୬।
ଆନନ୍ଦ ମନେ ହୁଳହୁଳି ଦେବ ।
ଜଳେ ଭସାଇ ଦେବ ସବୁ ଦ୍ରବ୍ୟ ।୫୭।
ତଦନ୍ତେ ଶିବ ମନ୍ଦିରକୁ ଯାଇ ।
ବେଢ଼ାରେ ବୁଲିବ ଆନନ୍ଦ ହୋଇ ।୫୮।
ଗମ୍ଭୀରାରେ ଦିଅଁ କର ଦର୍ଶନ ।
ଦୁଃଖ ଜଣାଇବ ହୋଇଣ ଦୈନ୍ୟ ।୫୯।
ଏହି ବିଧିରେ ଯେ ବ୍ରତ କରିବ ।
ମନବାଞ୍ଛା ତାର ସିଦ୍ଧ ହୋଇବ ।୬୦।
ଏ ବିଧିରେ ବ୍ରାହ୍ମଣୀ ବ୍ରତ କଲା ।
କୁଷ୍ଠ ବ୍ୟାଧି ତାର ଆରୋଗ୍ୟ ହେଲା ।୬୧।
ମୋତେ ଯେ ସେବେ ମୁଁ ଶୁଣେ ଗୁହାରି ।
ବର ଦିଏ ତାକୁ ହେଳା ନ କରି ।୬୨।
ଗଉରୀ ବୋଇଲେ ହେ ପ୍ରାଣେଶ୍ୱର ।
ମୋତେ ସେବିଲେ ମୁଁ ଦିଅଇ ବର ।୬୩।
ଯେହୁ ଭକତ ଭାବରେ ଭାବଇ ।
ଅକ୍ଷୟ ସୁଖ ସେ ଭୋଗ କରଇ ।୬୪।
ରୋଗ ଗ୍ରହପୀଡ଼ା ନାଶ ହୁଅଇ ।
ଘଣ୍ଟ ଘୋଡ଼ାଇଣ ରଖଇ ମୁହିଁ ।୬୫।
ଶୁଣି କହିଲେ ପ୍ରଭୁ ଶୂଳ ହସ୍ତ ।
ଦେଖିବା ତୁମ୍ଭ ମହିମା କେମନ୍ତ ।୬୬।
ତହୁଁ ଏକ ନର ରୂପ ହୋଇଲେ ।
ବ୍ରାହ୍ମଣୀ ମନ୍ଦିରେ ପ୍ରବେଶ ହେଲେ ।୬୭।

Digitized by srujanika@gmail.com

ବ୍ରାହ୍ମଣ ରୂପ ହୋଇଲେ ସାକ୍ଷାତ ।
ଅସଂଖ୍ୟ କଳ କଲେ ଅଦଭୁତ ।୬୮।
ତା ଦାନ ବୃତ୍ତି ନଷ୍ଟ କଲେ ସେହୁଁ ।
ରାଜଦରବାରେ ଗଲା ସେ ତହୁଁ ।୬୯।
ଗୃହେ ପଶି ତାହାର ନନ୍ଦନକୁ ।
ପକାଇଦେଲେ ଅଗ୍ନି ଭିତରକୁ ।୭୦।
ତାହା ଜାଣି ଉମା ଆସି ଶୂନ୍ୟରେ ।
କୁମରକୁ ହରିନେଲେ ମାୟାରେ ।୭୧।
ମାୟା ନନ୍ଦନ ରହିଲା ସେ ସ୍ଥାନ ।
ଏଥୁ ଅନନ୍ତରେ ଶୁଣ ବିଧାନ ।୭୨।
ପୁତ୍ରକୁ ରଖିଲେ ଗୁପ୍ତ ସ୍ଥାନରେ ।
ଗ୍ରାମ ଲୋକେ କମ୍ପୁ ଥାନ୍ତି ଭୟରେ ।୭୩।
କାହୁଁ ଆଇଲା ଏ ଦୁଷ୍ଟ ବ୍ରାହ୍ମଣ ।
କେତେ ହାଲହୋଲ କଲା ନଗ୍ରେଣ ।୭୪।
ପାପ ପୁଣ୍ୟକୁ ନାହିଁ ଭାଳେ ଭୟ ।
ଅଗ୍ନିରେ ପକାଇଲା ବିପ୍ର ପୁଅ ।୭୫।
ବ୍ରାହ୍ମଣୀ ଉଚ୍ଛେ କରଇ କ୍ରନ୍ଦନ ।
କେଣେ ଗୁଡ଼ିଗଲୁ ରଙ୍କରତନ ।୭୬।
ଏକଇରବଳା ନେତ୍ର ପିତୁଳା ।
ଅନ୍ଧୁଣୀ କରଇ କଲୁ ବାଉଳା ।୭୭।
ଏମନ୍ତେ ବହୁତ ବେଦନ କରି ।
ମନେ ସୁମରଇ ହରି ଗଉରୀ ।୭୮।
ତେବେ ଶିବ କୋପ ନ କରି ଶାନ୍ତ ।
ନେଲେ ତହୁଁ ମାୟା ବ୍ରାହ୍ମଣ ସୁତ ।୭୯।

Digitized by srujanika@gmail.com

କୁମ୍ଭାରଶାଳେ ଭରଗଲେ ମୁଦ ।
ଅଗ୍ନି କି ଲଗାଇ ଗଲେ ଜଳଦ ।୮୦।
ତାହା ଜାଣି ଉମା ମନେ ହସିଲେ ।
କୁମ୍ଭାରଶାଳଟିକି ପୋଡ଼ିଗଲେ ।୮୧।
ବ୍ରାହ୍ମଣ ପୁଅକୁ ଗୁପତ କରି ।
ରଖିଥିଲେ ମହାମାୟା ଅଙ୍ଗରି ।୮୨।
ଭୂଷଣ ବସନ ନାନା ପ୍ରକାର ।
ମଣ୍ଡି ଦେଲେ ମହାମାୟା ଗଉରୀ ।୮୩।
ବୋଧି କହିଲେ ସବୁ ସମାଚ୍ଛର ।
ତୋ ଲାଗି ଏତେ ଉତ୍ପାତ ଈଶ୍ୱର ।୮୪।
ତୋର ଗ୍ରାମରେ ଏତାହର ନବରେ ।
ଅଗ୍ନି ଭୟ ରାଜଭୟ ଦେଲେରେ ।୮୫।
ଏବେ ନିଶ୍ଚିନ୍ତରେ ଯାଅରେ ଶିଷ୍ୟ ।
ବାପେ ରହ ପିତା ମାତାଙ୍କ ପାଶ ।୮୬।
ପୁଅକୁ ଛାଡ଼ି ଦେଉଳକୁ ଗଲେ ।
ପ୍ରଭୁଙ୍କ ପାଦେ ପ୍ରଣମିତ ହେଲେ ।୮୭।
ଏଥୁ ଅନ୍ତରେ ସେ ଦ୍ୱିଜ ନନ୍ଦନ ।
ପ୍ରବେଶ ହୋଇଲା ନିଜ ସଦନ ।୮୮।
ଗ୍ରାମଜନେ ଦେଖି ହେଲେ ଆଶ୍ଚର୍ଯ୍ୟ ।
ଏ ପର ଅଗ୍ନିରେ ହେଲା ଦହନ ।୮୯।
ଉବୁରି ଅଇଲା କେଉଁ ପ୍ରକାର ।
ଦୈବୀ କୃତ ହାସ୍ୟ ଏ ସମାଚ୍ଛର ।୯୦।
ଦେଖିଣ ବ୍ରାହ୍ମଣୀ ହେଲା ଆନନ୍ଦ ।
ନୟନ ଦାନ ପାଇଲା କି ଅନ୍ଧ ।୯୧।

Digitized by srujanika@gmail.com

କିବା ଦରିଦ୍ର ପାଇଲା ରତନ ।
କୋଳେ ଧରି ସ୍ନେହେ ଦେଲା ଚୁମ୍ବନ ।୯୨।
ବୋଇଲା ପ୍ରଭୁ ଗଉରୀ ଶଙ୍କର
ରକ୍ଷା କରିଲେ ମୋହର କୁମର ।୯୩।
ଏଥୁ ଅନନ୍ତରେ ଦେବୀ ପାର୍ବତୀ ।
ହରଙ୍କୁ ଗୁହାରି ହରଷେ କହନ୍ତି ।୯୪।
ଆପଣ ଭିଆଇଲେ ଯେତେ ମାୟା ।
ମୋତେ ଗୋଚର ହେଲା ସବୁ ତାହା ।୯୫।
ବ୍ରାହ୍ମଣୀ ପୁତ୍ରେ ଶୋକ କଲା କେତେ ।
ପୁଅକୁ ତାର ପୋଡ଼ିଲା ସାକ୍ଷାତେ ।୯୬।
ନ ଲଭିଲା ବ୍ରହ୍ମ ହତ୍ୟା ପାତକ ।
ଶୁଣି କହନ୍ତି ପ୍ରଭୁ ତ୍ରିଅମ୍ବକ ।୯୭।
ଏତେ କୂଠ ମୁଁ କରନ୍ତି କମ୍ପାଇଁ ।
ତୁମ୍ଭେ ସବୁ ଭିଆଇଲ ଛକାଇ ।୯। ।
ଶୁଣି ପାର୍ବତୀ କହନ୍ତି ବଚନ ।
କୋପେ ଯେତେବେଳେ ଗଲେ ଆପଣ ।୯୯।
ମାୟା ଭିଆଣ କଲ ବିପ୍ର ଘରେ ।
ସେତେବେଳେ ମୁଁ ସାହା ହେଲ ତାରେ ।୧୦୦।
ତୁମ୍ଭ ମାୟା ଜାଣି ମୁଁ ମାୟା କଲ ।
ବ୍ରାହ୍ମଣ କୁମରକୁ ରକ୍ଷା କଲ ।୧୦୧।
ଶୁଣି ଲଜ୍ଜ୍ୟା ପାଇଲେ ତ୍ରିପୁରାରି ।
ପୁଣି କହନ୍ତି ପର୍ବତ କୁମାରୀ ।୧୦୨।
ଆପଣଙ୍କୁ ସେବନ୍ତି ସବୁ ପ୍ରାଣୀ ।
ବରଦାତା ନାମ ବହିଛ ପୁଣି ।୧୦୩।
ଥୋକେ ଲୋକଙ୍କ ବାଞ୍ଛା କର ସିଦ୍ଧି ।
ଥୋକେ ଲୋକ ମରନ୍ତି କାନ୍ଦି କାନ୍ଦି ।୧୦୪।

Digitized by srujanika@gmail.com

ଏଣୁ ତୁମ୍ଭ ଦେବାଟା ଅକାରଣ ।
ଜଗତରେ ମିଥ୍ୟା ଅଟନ୍ତି ଦୂଷଣ ।୧୦୫।
ଆମ୍ଭର ଦେବାଟା ଅଟଇ ଶର ।
ତେଣୁ ତୁମ୍ଭେ ଦେବ ଦେବ ପଥର ।୧୦୬।
ଆପଣ ତ ପକ୍ଷପାତ କରୁଛ ।
ବର ଦାତା ନାମ କମ୍ପା ବହୁଛ ।୧୦୭।
ଏପରି କଲେ ନ ସେବିବେ କେହୁ ।
ଆମ୍ଭ ମନ୍ଦିରକୁ ଆସିବେ ନାହିଁ ।୧୦୮।
ଏବେ ଏହୁ କଥା କର ଆପଣ ।
ଦରିଦ୍ର ଦ୍ୱିଜ ସେବନ୍ତି ଚରଣ ।୧୦୯।
ତାହାଙ୍କୁ କିଛି ଧନ ଦାନ କର ।
ଯୁଗେ ଯୁଗେ ଥାଉ କୀର୍ତ୍ତି ତୁମ୍ଭର ।୧୧୦।
ଶୁଣି କହନ୍ତି ପ୍ରଭୁ ଦେବ ଦେବ ।
ତା କପାଳେ ନାହିଁ ଦେଲେ କି ହେବ ।୧୧୧।
ଦେବୀ ବୋଲନ୍ତି ତୁମ୍ଭେ ଦିଅ ଥରେ ।
ଦେଖିବା କପରି ନାହିଁ ଭାଗ୍ୟରେ ।୧୧୨।
ହର ଗଉରୀ ଏପରି ବିଗ୍ରହରେ ।
ବ୍ରାହ୍ମଣ ଯିବା ଆସିବା ପଥରେ ।୧୧୩।
ଧନ ରତ୍ନ କିଛି ଥୋଇଲେ ନେଇ ।
ରହିଲେ ଦ୍ୱିଜର ଗତିକୁ ଚାହିଁ ।୧୧୪।
ତହୁଁ ସେ ବ୍ରାହ୍ମଣ ଆସି ମିଳିଲା ।
ବୃଷଭ ପଛେ ରହି ସ୍ତୁତି କଲା ।୧୧୫।
ଫେରିଲା ବେଳେ ବୁଝିଲା ନେତ୍ରରେ ।
ଧନ ଥିଲା ପଡ଼ି ଦଶେ ଆଗରେ ।୧୧୬।
ଦେଉଳକୁ ବାହାର ଭାବିଲା ଶଠ ।
ଅନ୍ଧ କେଉଁପରି ଚାଲନ୍ତି ପଥ ।୧୧୭।

Digitized by srujanika@gmail.com

ଆଜ ଟିକଏ ଚାଲିବା ଭାବିଲ ।
ଆଖିବୁଜି ଥରି ଥରି ଚାଲିଲ ।୧୧୮।
ଅନ୍ଧ ଚାଲି ଏହି ଭାବେ ମନର ।
ଯାଇଛନ୍ତି ତହୁଁ ପାଉଣ୍ଡ ପଦର ।୧୧୯।
ଯାଉ ଯାଉ ଆଗେ ଦୁଟମେକ ଥିଲା ।
ମୁହଁ ମାଡ଼ିଣ ସେଠାରେ ପଡ଼ିଲା ।୧୨୦।
ଆଣ୍ଠୁ ଗଣ୍ଠି ଛୁଡ଼ି ବହେ ରୁଧିର ।
ସନ୍ତାପିତ ହୋଇ ଚଳିଲ ଘର ।୧୨୧।
ଗ୍ରାମରେ ଜଣେ ପଣ୍ଡିତ ଦେଖିଲେ
ହେ ବିପ୍ର ଏ କି ଦଶା ପଚାରିଲେ ।୧୨୨।
ତହୁଁ ବ୍ରାହ୍ମଣ କହନ୍ତି ତାହାଙ୍କୁ ।
ଯାଇଥିଲି ମୁଁ ଶିବ ଦର୍ଶନକୁ ।୧୨୩।
ମହାଦେବଙ୍କୁ କରିଣ ଦର୍ଶନ ।
ଆସୁଥିଲି ବୁଜି ବୁଜି ନୟନ ।୧୨୪।
ଆସୁ ଆସୁ ଆଗେ କୁନ୍ଦେକ ଥିଲା ।
ସେଠାରେ ପଡ଼ି ଆଣ୍ଠୁ ଛୁଡ଼ି ଗଲା ।୧୨୫।
ଏତେ କହି ବିପ୍ର ଗଲା ଘରକୁ ।
ଶୁଣି ପଣ୍ଡିତ ଗଲେ ସେ ସ୍ଥାନକୁ ।୧୨୬।
ଦେଖିଲେ ପାଠ ଅଗଣାକୁ ଯାଇ ।
ସ୍ୱର୍ଣ୍ଣ ପୂର୍ଣ୍ଣ ଗରା ରହିଛି ତହିଁ ।୧୨୭।
ଗରା ନେଇ ପଣ୍ଡିତେ ଗଲେ ଘର ।
ଉମାକୁ ଚାହିଁ କହନ୍ତି ଈଶ୍ୱର ।୧୨୮।
ଦେଖିଲେ ତାର କର୍ମ କି ପ୍ରକାର ।
ପଡ଼ି ଆଣ୍ଠୁ ଛିଣ୍ଡାଇ ଗଲା ଘର ।୧୨୯।
ଯାଉ ଭାଗ୍ୟରେ ଥିଲା ନେଇଗଲା ।
ଯାହା କହିଥିଲି ବୁଝ କି ହେଲା ।୧୩୦।

Digitized by srujanika@gmail.com

ଶୁଣିଲ ସଙ୍କଟ ଚଉଠି ବ୍ରତ ।
ବୁଝିଲ କପଟ ଅଟେ ମାହାତ୍ମ୍ୟ ।୧୩୧।

ଏ ବ୍ରତ ଯେ ବାରବର୍ଷ କରିବ ।
ତେବେ ତାର ବ୍ରତ ପୂର୍ଣ୍ଣ ହୋଇବ ।୧୩୨।

ଚୁଥିବରଷ ସଂକଟାଇ ହଳେ ।
ପୂଜିବ ଭକ୍ତିରେ ଶତ୍ର ନର୍ମଳେ ।୧୩୩।

ମଥାରେ ପାଞ୍ଚ କେର ଦୁବ ଦେବ ।
ଆନନ୍ଦ ମନେ ହୁଳହୁଳି ଦେବ ।୧୩୪।

ବାର ବରଷେ ବାର ହଳ କର ।
ଭକ୍ତ ଥୋଇବ ଯଥାବିଧିକରି ।୧୩୫।

ବିଧି ଊଣା ହେଲେ ଫଳ ନୁହଇ ।
ଟାହିକଲେ ହେବ ଈଶ୍ୱର ଦ୍ରୋହୀ ।୧୩୬।

ଏ ଅଟେ ହର ଗଉରୀ ସମ୍ବାଦ ।
ପୁରାଣକୁ ଦେଖି ଲେଖିଲି ପଦ ।୧୩୭।

ଉମା ମହେଶ୍ୱର ପାଦକୁ ଧ୍ୟାଇ ।
କବି କବିରାଜ ପଦ ଯୋଖଇ ।୧୩୮।
ଓଷାଇତି ମାନେ ଶୁଣି ଆନନ୍ଦ ।

ହୁଳହୁଳି ଦେଲେ ଅତି ପ୍ରମୋଦ ।୧୩୯।
ପୂଜା ବଢ଼ାଇ କଲେ ବନ୍ଦାପନା ।
ଜଣାଇଲେ ଯାହାର ଯା କାମନା ।୧୪୦ ।

ଗାୟକକୁ ଚଣ୍ଡି ଦକ୍ଷିଣା ଦେଲେ ।
ମୁଣ୍ଡି ଆ ମାରି ହୁଳହୁଳି ଦେଲେ ।୧୪୧।

ପୂଜା ଟାଙ୍ଗୁଡ଼ି ମାନ ନେଇ ଗଲେ ।
ଯେ ଯାହା ଘରେ ପ୍ରସାଦ ପାଇଲେ ।୧୪୨।

ସଂପୂର୍ଣ୍ଣ ହୋଇଲା ଓଷା କାହାଣୀ ।
ଭବ ତାରେଶ୍ୱର ଚୌଧୁରୀ ଭଣି ।୧୪୩।

ମା' ବାଶେଳୀ ପ୍ରିଣ୍ଟର୍ସ, ଭଗରପଡ଼ା, କଟକ-୨

Digitized by srujanika@gmail.com

ନିବେଦନ

ଶ୍ରୀମଦ ଭାଗବତ ଶ୍ରୀଶୁକ ମୁନିଙ୍କ ମୁଖ ନିଃସୃତ ବାଣୀ ହେତୁ ଏହା ଅଷ୍ଟାଦଶ ପୁରାଣ ମଧ୍ୟରେ ଶ୍ରେଷ୍ଠ ଗ୍ରନ୍ଥରୂପେ ପରିଗଣିତ । ଏଣୁ ଏହି ଗ୍ରନ୍ଥ ଘରେ ଘରେ ଏବଂ ଦେବାଦେବୀ ମନ୍ଦିରମାନଙ୍କରେ ପୂଜା ହେଉଛି ତଥା ପାଠ ମଧ୍ୟ ହେଉଛି । କିନ୍ତୁ ଏହି ଭାଗବତ ୧୩ ଖଣ୍ଡ ବହୁତ ହେବାରୁ ତହିଁରୁ ସାର ବା ତା'ର ମାହାତ୍ମ୍ୟ ସଂଗ୍ରହ କରିବା ବହୁତ କଷ୍ଟ ସାଧ୍ୟ । ଏଣୁ ଲୋକ ଲୋଚନକୁ ଆଣିବା ନିମିତ୍ତ ମହର୍ଷି ବ୍ୟାସଦେବଙ୍କ ପ୍ରଣୀତ ସଂସ୍କୃତ ଶ୍ଳୋକର ଅନୁବାଦ ସହ 'ଭାଗବତ ମାହାତ୍ମ୍ୟ' ପୁସ୍ତକ ଖଣ୍ଡି ପାଠକଲେ ଭକ୍ତ ତେରଖଣ୍ଡ ଭାଗବତ ଗ୍ରନ୍ଥର ମାହାତ୍ମ୍ୟ ଅଳ୍ପରେ ଜାଣିପାରିବେ । ଏହା ବ୍ୟତୀତ ଭକ୍ତ ଭାଗବତ ମାହାତ୍ମ୍ୟ ବହିଟି ପାଠକଲେ ସେଥିରୁ ପାଇବେ— ଚତୁଃଶ୍ଳୋକୀ ଭାଗବତ, ଭଗବାନଙ୍କ ମୁଖରୁ ବ୍ରହ୍ମାଙ୍କ ପ୍ରତି କଥିତ ଶ୍ରୀମଦ୍ ଭାଗବତ ମାହାତ୍ମ୍ୟ, ଦେବର୍ଷି ନାରଦଙ୍କ ଭକ୍ତି ସହ ଭେଟ, ଭକ୍ତିର ଦୁଃଖ ଦୂରକରିବାପାଇଁ ନାରଦଙ୍କ ଉଦ୍ୟୋଗ, ଗୋକର୍ଣ୍ଣ ଉପାଖ୍ୟାନ, ଧୁନ୍ଧୁକାରୀ ସହିତ ପ୍ରେତଯୋନିପ୍ରାପ୍ତ ଓ ତହିଁରୁ ଉଦ୍ଧାର ତଥା ଶ୍ରୀମଦ୍ ଭାଗବତ ସପ୍ତାହ ଶ୍ରବଣ ବିଧି ।

ଏତଦ୍‌ବ୍ୟତୀତ ବେଦ, ବେଦାନ୍ତ, ଉପନିଷଦ, ଗୀତା, ଚାରି ଓ ସ୍ମୃତି, ସମସ୍ତ ପ୍ରକାର ପୁରାଣ, ତନ୍ତ୍ର, ନାଟକ, ପଞ୍ଜିକା ବା କ୍ୟାଲେଣ୍ଡର ସହ କୋମଳମତି ଶିଶୁମାନଙ୍କ ବ୍ୟବହାର୍ଯ୍ୟ ପାଇଁ ବହୁତ ପ୍ରକାରର ଅକ୍ଷର ଶିକ୍ଷାବହି ନିମ୍ନ ଠିକଣାରେ ଯୋଗାଯୋଗ କଲେ ସୁବିଧା ଦରରେ ପାଇପାରିବେ ।

ଠିକଣା :

ମେସର୍ସ—ଧର୍ମଗ୍ରନ୍ଥ ଷ୍ଟୋର

ପରିଚାଳକ—ଶ୍ରୀ ବିଦ୍ୟାଧର ସାହୁ

ଅଲିଶାବଜାର, କଟକ-୨

ଫୋନ୍ ନଂ [illegible]

Digitized by srujanika@gmail.com